# Akashvani, Sambalpur

## SAMBALPURI NEWS BULLETIN

### 23 May 2025- 6.47- 6.52 am.

**********************************************

ଶୌର୍ଯ୍ୟ ଚକ୍ର ଆର୍ କୀର୍ତିଚକ୍ର            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ- କର୍ତବ୍ୟଥି ଥାଇକରି ଅସାଧାରଣ୍ ସାହାସ୍, ସମର୍ପଣ୍ ଆଉ ବଳିଦାନ୍ ଦେଇଥିବା ସେନା ଅଧିକାରୀମାନ୍‌କୁ ଶୌର୍ଯ୍ୟ ପୁରସ୍କାର୍ ପ୍ରଦାନ୍ କରିଛନ୍ । ଗଲାକାଏଲ୍ ରାଷ୍ଟ୍ରପତି ଭବନ୍ ନ ହେଇଥିବା ସମ୍ମାନ୍ ସମାରୋହଥି ୬ ଝନ୍‌କୁ କୀର୍ତି ଚକ୍ର, ୩୩ ଝନ୍‌କୁ ଶୌର୍ଯ୍ୟ ଚକ୍ର ଦିଆଯାଇଥିଲା । ଇଥି ୭ ଝନ୍ ସେନା ଅଧିକାରୀଙ୍କୁ ମରଣୋତର ଶୌର୍ଯ୍ୟ ଚକ୍ର ଆଉ ୪ ଝନ୍‌କୁ ମରଣୋତର କୀର୍ତି ଚକ୍ର ପ୍ରଦାନ୍ କରାଯାଇଥିଲା । ସମାରୋହଥି ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଆର୍ କେନ୍ଦ୍ରମନ୍ତ୍ରୀମାନେ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏଜ୍‌ତକ୍ ଦେଇପାର୍‌ବେ ।

କୋଟିଆ ବିକାଶ୍ ସିଏମ୍‌ଓ

ସୀମ୍‌ନା ଇଲାକାର୍ କୋଟିଆ ପଂଚାୟତ୍‌ର ସାମଗ୍ରିକ୍ ବିକାଶ୍‌କେ ତୁର୍‌ତି କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ସ୍ୱତନ୍ତ୍ର କମିଟି ଗଠନ୍ କରିଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ଇ କମିଟି କୋଟିଆ ପଂଚାୟତ୍‌ର ବିକାଶ୍ ଲାଗି ପାଣ୍ଠି ବରାଦ୍, ସର୍‌କାରୀ ଯୋଜ୍‌ନାର୍ କାର୍ଯ୍ୟକାରିତା ସଙ୍ଗେ ସମନ୍ୱିତ ବିକାଶ୍‌କେ ଧ୍ୟାନ୍‌ଥି ରଖିକରି କାମ୍ କର୍‌ବା । କୋଟିଆ ଇଲାକାର୍

ବିକାଶ୍ ଲାଗି ସବୁ ସମ୍ଭବ୍ ଚେରେଷ୍ଟା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କମିଟିର୍ ସଦସ୍ୟମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ହସ୍ତଶିଳ୍ପ ତାଲିକା-୬ ଟା ନୂଆଁ ହସ୍ତଶିଳ୍ପ   I&PR

ହସ୍ତତନ୍ତ, ବୟନଶିଳ୍ପ ଆଉ ହସ୍ତଶିଳ୍ପ ବିଭାଗ୍ ତର୍‌ଫୁ ହସ୍ତଶିଳ୍ପ ତାଲିକାକେ ସଂଶୋଧନ୍ କରାଯାଇକରି ୬ ଟା ନୂଆଁ ହସ୍ତଶିଳ୍ପକେ ସାମିଲ୍ କରାଯାଇଛେ । ଏଛେନ୍ ତାଲିକାଥି ୬୧ ଟା ହସ୍ତଶିଳ୍ପ ସାମିଲ୍ ହେଇଛେ । ଇ ହସ୍ତଶିଳ୍ପମାନ୍‌କୁ ତାଲିକାଭୁକ୍ତ କର୍‌ବାର୍ ଲାଗି ବିଭାଗୀୟ କମିଶନର୍‌ଙ୍କର୍ ସୁପାରିଶ୍ କରିଥିଲେ । ତାର୍‌ଉତ୍‌ରୁ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଇତାକେ ଅନୁମୋଦନ୍ କରିଛନ୍ । ହସ୍ତଶିଳ୍ପର୍ ବିକାଶ୍ ଲାଗି ହସ୍ତଶିଲ୍ପ ତାଲିକାକେ ସଂଶୋଧନ୍ କରାଯାଇଛେ ଆଉ ଇଥି ତାଲିକାଭୁକ୍ତ ହେଇଥିବା ହସ୍ତଶିଳ୍ପର୍ କାରିଗର୍‌ମାନ୍‌କୁ ସର୍‌କାରୀ ସାହାଜ୍ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ଓଡ଼ିଶା ଯାତ୍ରୀ ଆପ-ଆମ୍ବୁଲେନ୍ସ   ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ଯାତ୍ରୀ ଆପ୍‌ଥି ଘରୋଇ ଆମ୍ବୁଲେନ୍ସ ମାନ୍‌କୁ ଜୁଡ଼୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଓଡ଼ିଶା ଯାତ୍ରୀ ଆପ୍‌ଥି ବୁକିଂ

କରିକରି ଜରୁରୀ ସମିଆଥି ଲୁକେ ଅତି ସହଜେ ଆମ୍ବଲେନ୍ସ ସେବା ପାଇପାର୍‌ବେ । ପରିବହନ୍ ଆୟୁକ୍ତ ଆର୍ ସ୍ୱାସ୍ଥ୍ୟସଚିବଙ୍କର୍ ସ୍ତରଥି ଇ ବାବ୍‌ଦେ ଆଲୋଚନା ପ୍ରକ୍ରିୟା ଶେଷ୍ ହେଇଛେ । ଖୋବ୍ ଜଲ୍‌ଦି ଇ ଦିଗେ କାମ୍ ମୁଲ୍ ହେବା ବଲି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ପ୍ରମୁଖ ସଚିବ ଉଷା ପାଢ଼ୀ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଆଏବା ସୋମ୍‌ବାର୍ ୨୬ ତାରିଖ୍ ଦିନ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଏଗ୍ରୋ ଫରେଷ୍ଟ I&PR

ପଡ଼ିଆ ଜମିମାନ୍‌କେ ଗଛ୍ ଲଗାବାର୍‌କେ ଚାଷୀମାନ୍‌କୁ ଜଙ୍ଗଲ୍ ବିଭାଗ୍ ମାହାଲିଆ ଗଛ୍ ଯୁଗେଇ ଦେବା ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଘୋଷ୍‌ନା କରିଛନ୍ । ଗଲାକାଏଲ୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ୍ ପାଲନ୍ ଅବ୍‌ସରେ ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ପଡ଼ିଆ ଜମି ନ ଗଛ୍ ଲଗାବାର୍ ଲାଗି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ଗୁଟେ ନୂଆଁ ଏଗ୍ରୋ ଫରେଷ୍ଟ୍ ନୀତି ଆନ୍‌ବାର୍‌କେ ଯାଉଛନ୍ । ଇତାକେ ନେଇକରି ଚିଠା ତିଆର୍ ହେଇସାରିଛେ ଆଉ ଖୋବ୍ ଜଲ୍‌ଦି କେବିନେଟ୍‌କେ ଯିବା । କେବିନେଟ୍ ନୁ ଅନୁମୋଦନ୍ ମିଲ୍‌ଲା ଉତ୍‌ରୁ କାର୍ଯ୍ୟକାରୀ କରାଯିବା ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ପ୍ଲାଷ୍ଟିକ୍ ପ୍ରଦୂଷଣ ସଚେତନତା        ଆର୍‌ଏନ୍‌ୟୁ/ କଟକ୍

ପରିବେଶ୍ ଅନୁକୂଳ ପ୍ଲାଷ୍ଟିକ୍ ବେଭାର୍‌କେ ତହଁକାବାର୍ ଲାଗି କେନ୍ଦ୍ର ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରଣାଳୟ ତର୍‌ଫୁ ବିଶ୍ୱ ପରିବେଶ୍ ଦିବସ୍ ଆଘୋନୁ ଗଲାକାଏଲ୍‌ଠାନୁ ସାରା ଦେଶେ ସଚେତନତା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । 'ଏକ୍ ଦେଶ୍- ଏକ ମିଶନ୍ - ଶେଷ୍ ହେବା ପ୍ଲାଷ୍ଟିକ୍ ପ୍ରଦୂଷଣ' ନାଁଥି ଇ ଅଭିଯାନ୍ ମୁଲ୍ କରାଯାଇଛେ । ଇତାର୍ ଜରିଏ ପ୍ଲାଷ୍ଟିକ୍‌ର ବିକଳ୍ପ ଆଉ ପରିବେଶ୍ ଅନୁକୂଳ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଭୂପେନ୍ଦର୍ ଯାଦବ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ବିଶ୍ୱ କଇଁଛ ଦିବସ୍          ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ କଇଁଛ ଦିବସ୍ । କେଛୋ ମାନ୍କର୍ ସୁରକ୍ଷା ଦିଗେ ସଚେତନତା କର୍ବାର୍କେ ଗଲା ୨୦୦୦ ମସିହାନୁ ଆମେରିକେନ୍ ଟର୍ଟଏଜ୍ ସଂଗଠନ୍  ତର୍ଫୁ ଫି ବଛର୍ ମେ ମାସର୍ ୨୩ ତାରିଖ୍କେ ବିଶ୍ୱ କଇଁଛ ଦିବସ୍ ଭାବେ ପାଲନ୍ କରାଯାଉଛେ । ସାରା ପୁର୍ଥି ନ ୩ ଶହ ପ୍ରଜାତିର କେଛୋ ଥିବାର୍ ବେଲେ ସେଥୁ କେତେ ପ୍ରଜାତି ଲୋପ୍ ପାଇଯାଇଥିବାର୍ ବେଲେ ଆଉ କେତେଟା ପ୍ରଜାତି ସଙ୍କଟ୍ ଥିତିଥି ଅଛନ୍ । ସମୁଦ୍ର ଆର୍ ନଦୀର୍ ପ୍ରଦୂଷଣ୍ ଲାଗି କେଛୋ ସଂଖ୍ୟା କମ୍ବାର୍ ଗୁଟେ ବଡ଼ କାରଣ୍ ଆଏ ବଲି କୁହାଯାଉଛେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦିନେ ଦୁଇ ଦିନ୍ ଭିତ୍ରେ କେରଳ ପୁହୁଁଚିପାରେ । ଇତାର୍ ପ୍ରଭାବ୍ଥି ଦେଶର୍ ଦକ୍ଷିଣ ପଶ୍ଚିମ ଆଉ ଉତର୍ପୂର୍ବାଂଚଲ୍ ଇଲାକା ନ ଜବର୍ ବର୍ଷା ହେଇପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।

ସେଆଡ଼େ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ହାଲ୍‌କା ବର୍ଷା ହେଇପାରେ ।